# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**04.05.2025**

---

## ୱେଭ୍‌ସ-ସମ୍ମିଟ୍

ମୁମ୍ବାଇରେ ଚାଲିଥିବା ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ ୱେଭ୍‌ସ-୨୦୨୫ ଆଜି ଉଦ୍‌ଯାପିତ ହେଉଛି । ଚଳଚ୍ଚିତ୍ର ନିର୍ମାଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଆଜି ସ୍ୱତନ୍ତ୍ର ଆଲୋଚନା ଅନୁଷ୍ଠିତ ହେବ । ନିର୍ମାତାଙ୍କୁ ଯୋଡିବା, ଦେଶ ଯୋଡିବା ପ୍ରସଙ୍ଗ ଆଧାରରେ ଆୟୋଜିତ ଏହି ଚାରିଦିନିଆ ଶିଖର ସମ୍ମିଳନୀକୁ ଗତ ଗୁରୁବାରଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଥିଲେ । ଗଣମାଧ୍ୟମ, ମନୋରଞ୍ଜନ ଏବଂ ଡିଜିଟାଲ ଉଦ୍‌ଭାବନ କ୍ଷେତ୍ରରେ ଭାରତକୁ ଏକ ବିଶ୍ୱସ୍ତରୀୟ ପେଣ୍ଠସ୍ଥଳୀଭାବେ ଗଢି ତୋଳିବା ଲକ୍ଷ୍ୟ ନେଇ ଏହି ଶିଖର ସମ୍ମିଳନୀ ଅନୁଷ୍ଠିତ ହେଉଛି ।

## ୱେଭସ୍

ରାଜ୍ୟରେ ପାରମ୍ପରିକ ଖେଳର ପୁନରୁଦ୍ଧାର ଲକ୍ଷ୍ୟ ନେଇ ବ୍ଲକ ସ୍ତରରେ ଷ୍ଟାଡିୟମ ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ପଞ୍ଚାୟତ ସ୍ତରରେ ପ୍ରଶିକ୍ଷଣ କେନ୍ଦ୍ର ଏବଂ ତୃଣମୂଳ ସ୍ତରରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ମାଧ୍ୟମରେ ଗ୍ରାମାଞ୍ଚଳ

ପ୍ରତିଭାଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବାକୁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁମ୍ବାଇରେ ଚାଲିଥିବା ୱେଭ୍ସ-୨୦୨୫ରେ ସ୍ୱଦେଶୀ କ୍ରୀଡା ଭାରତରୁ ବିଶ୍ୱ ମଞ୍ଚ ପର୍ଯ୍ୟନ୍ତ ଯାତ୍ରା ଶୀର୍ଷକ ଅଧିବେଶନରେ ଗତକାଲି ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି ।

**V/O**

# କଟକ-ଅଘଟଣ

କଟକ ଖାନନଗରଅଞ୍ଚଳରେ ଏକ ନିର୍ମାଣଧୀନ ପୋଲର ସ୍ଲାବ ଖସିପଡିବାରୁ ୩ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ଦୁଇଜଣ ଏହି ଘଟଣାରେ ଗୁରୁତର ଆହତ ଅବସ୍ଥାରେ କଟକ ବଡଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଏହି ଘଟଣାରେ ସେଠାରେ କାର୍ଯ୍ୟରତ ୫ଜଣ ଶ୍ରମିକ ସ୍ଲାବ ତଳେ ଚାପି ହୋଇପଡିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତିନିଜଣଙ୍କର ମୃତ୍ୟୁ ହୋଇଛି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୫ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ରାଶି ଘୋଷଣା କରିଛନ୍ତି । ଘଟଣାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

ଗ୍ରୀଷ୍ମ ପ୍ରକୋପକୁ ଦୃଷ୍ଟିରେ ରଖି ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ  ଏହି ସୂଚନା ଦିଆଯାଇଛି।  ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ସୂଚାଇ ଦିଆଯିବ ବୋଲି ବିଭାଗ କହିଛି ।

## ଶ୍ରୀମନ୍ଦିର ପ୍ରଶାସନ ବୈଠକ

ଦୀଘା ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠାରେ ପୁରୀ ଶ୍ରୀମନ୍ଦିର ସେବାୟତଙ୍କ ସମ୍ପୃକ୍ତି ସଂକ୍ରାନ୍ତ ଅଭିଯୋଗରେ ସ୍ୱଷ୍ଟୀକରଣ ଦେବା ଲାଗି ସମସ୍ତ ନିଯୋଗଙ୍କୁ କୁହାଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏଥିପାଇଁ ଆଜି ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମୟସୀମା ପ୍ରଦାନ କରାଯାଇଛି । ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ନିଯୋଗଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି ।  ନବକଳେବର ସମୟରେ ବଳକା ଦାରୁ ସମ୍ପର୍କରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା।

# ଡ୍ରପ ଆଉଟ

ଅଧାରୁ ପାଠପଢା ଛାଡୁଥିବା ଛାତ୍ରଛାତ୍ରୀଙ୍କୁ ପୁନର୍ବାର ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଏଥିପାଇଁ ଏପ୍ରିଲ ୩୦ତାରିଖରୁ ସର୍ଭେ କାର୍ଯ୍ୟ ଚାଲିଛି । ଘରକୁ ଘର ବୁଲି ଏହି ତଥ୍ୟ ସଂଗ୍ରହ କରାଯିବା ସହ ଏକ ତାଲିକା ପ୍ରସ୍ତୁତ କରାଯାଉଛି । ଆସନ୍ତାକାଲି ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ଜାରି ରହିବ । ଗଞ୍ଜାମ ଜିଲ୍ଲାରେ ୯୩୫ଜଣ ଛାତ୍ରଛାତ୍ରୀ ଅଧାରୁ ସ୍କୁଲ ଛାଡିଥିବା ଜଣାପଡିଛି । ଓସେପା ଯୁଗ୍ମ ନିର୍ଦ୍ଦେଶିକା ତଥା ଗଞ୍ଜାମ ଜିଲ୍ଲାର ନୋଡାଲ ଅଧିକାରୀ ଅମିତା ପଟ୍ଟନାୟକ ଜିଲ୍ଲାର ବିଭିନ୍ନ ସ୍ଥାନ ପରିଦର୍ଶନ କରି ସର୍ଭେ କାର୍ଯ୍ୟ ତଦାରଖ କରିଛନ୍ତି ।

# ନିଟ୍ ପରୀକ୍ଷା

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା ନିଟ୍-୨୦୨୫ ଆଜି ଅନୁଷ୍ଠିତ ହେବ । ଜାତୀୟ ପରୀକ୍ଷଣ ସଂସ୍ଥା-ଏନ.ଟି.ଏ ପରିଚାଳନାରେ ଅନୁଷ୍ଠିତ ହେବାକୁ ଥିବା ଏହି ପରୀକ୍ଷା ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ଚାଲିବ । ରାଜ୍ୟରୁ  ଏହି ପରୀକ୍ଷା ପାଇଁ ପଞ୍ଜୀକୃତ ହୋଇଥିବା ପ୍ରାୟ ୭୦ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ୨୬ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ।

# ଜମି ଅଧିଗ୍ରହଣ ସମୀକ୍ଷା

ନୂଆପଡା ସଦର ବିଜୁ ଏକ୍ସପ୍ରେସ ୱେ  ଅନ୍ତର୍ଗତ ରେଳଫାଟକରେ ନିର୍ମିତ ହେବାକୁ ଥିବା ଓଭରବ୍ରିଜ ପାଇଁ ଜମି ଅଧିଗ୍ରହଣ ସଂକ୍ରାନ୍ତ ଏକ ସମୀକ୍ଷା ବୈଠକ ଗତକାଲି ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ । ୨୩୮କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ଓଭରବ୍ରିଜ ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମି ପରିମାଣ   ଦିଆଯିବାକୁ ଥିବା କ୍ଷତିପୂରଣ ରାଶି ବାବଦରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି ।

# କଳିଙ୍ଗ ସୁପରକପ୍ ଫୁଟବଲ

ଏଫ.ସି. ଗୋଆ କଳିଙ୍ଗ ସୁପରକପ୍ ଫୁଟବଲ ଟାଇଟେଲ ହାସଲ କରିଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଗତକାଲି ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଏଫ.ସି. ଗୋଆ ୩-୦ଗୋଲରେ ଜାମସେଦପୁର ଏଫ.ସି.କୁ ପରାସ୍ତ କରିଛି । ଦ୍ୱିତୀୟ ଥର ପାଇଁ ଏଫ.ସି. ଗୋଆ ଏହି ଟୁର୍ଣ୍ଣାମେଣ୍ଟ ବିଜୟୀ ହୋଇଛି ।

# କାଳବୈଶାଖୀ

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗତ ସନ୍ଧ୍ୟାରେ କାଳବୈଶାଖୀର ପ୍ରଭାବରେ ବିଜୁଳି ଘଡଘଡି ସହ ପ୍ରବଳ ଝଡବର୍ଷା ଏବଂ କୁଆପଥର ବୃଷ୍ଟି ହୋଇଥିଲା । କେତେକ ସ୍ଥାନରେ ପବନର ବେଗ ଘଣ୍ଟାପ୍ରତି ୭୪ କିଲୋମିଟର ରହିଥିଲା । ବରଗଡ ଜିଲ୍ଲା ଭଟଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ପ୍ରବଳ କୁଆପଥର ବୃଷ୍ଟି ହୋଇଥିବା ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି । ଏହାର ପ୍ରଭାବରେ ରାତିର ତାପମାତ୍ରାରେ ସାମନ୍ୟ ହ୍ରାସ ପରିଲକ୍ଷିତ ହୋଇଥିଲା । ତେବେ ଗତକାଲି ରାଜ୍ୟର ଚାରୋଟି ସହରରେ ଦିନ ତାପମାତ୍ରା ୪୦ଡିଗ୍ରୀ ସେଲ୍‌ସିୟସ ଉପରେ ରହିଥିବାବେଳେ ସର୍ବାଧିକ ତାପମାତ୍ରା ୪୧ଡିଗ୍ରୀ ସେଲସିୟସ ଭଦ୍ରକଠାରେ ରେକର୍ଡ କରାଯାଇଥିଲା ।